# Akashvani, Sambalpur

## SAMBALPURI NEWS EVENING BULLETIN

## 28 March 2026-7.02- 7.12 pm.

---

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ସୁଭଦ୍ରା ଯୋଜ୍‌ନା ଲାଗି ଆଏବା ୧ ତାରିଖ୍‌ନୁ ମୁଲ୍ ହେବା ନୂଆଁ ପଞ୍ଜିକରଣ୍ ।

୩- ପୁରୀ ଶ୍ରୀମନ୍ଦିର୍ ବାହାର ରତ୍ନଭଣ୍ଡାର୍‌ର ୨ ନମ୍ବର୍ ଖେପ୍ ଗନ୍ତି ଆଏବା ୮ ତାରିଖ୍‌ନୁ ହେବା ମୁଲ୍ ।

୪- ମହାନଦୀ ଜଲ୍‌ବିବାଦ୍ ପ୍ରସଙ୍ଗଥି ପ୍ରାଧିକରଣ ଠାନେ ଓଡ଼ିଶାର୍ ପକ୍ଷ ରଖିଲେ ଏଡ୍‌ଭୋକେଟ୍ ଜେନେରାଲ୍ ।

ଆଉର୍

୫- ଶକ୍ତି ସଂରକ୍ଷଣ୍ ଆଉ ପରିବେଶ୍ ସୁରକ୍ଷା ଲକ୍ଷ୍ୟ ନେଇକରି ଆଏଜ୍ ପାଲନ୍ କରାଯାଉଛେ ଆର୍ଥ ଆୱାର୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ ଏକ୍ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ଦିଲ୍ଲୀ ଗସ୍ତଥି ଯାଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କର୍‌ବେ । ଇତାର୍‌ସହେତେ ଭିନ୍ ଭିନ୍ କେନ୍ଦ୍ରମନ୍ତ୍ରୀ ଆଉ କେନ୍ଦ୍ରୀୟ ନେତାମାନ୍‌କୁ ସାକ୍ଷାତ୍ କରିକରି ରାଜ୍ୟର୍ ସ୍ୱାର୍ଥ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗଥି ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ଭିଲ୍ ଦିଲ୍ଲୀ ଯାଇଛନ୍ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ.ପି.ଆର୍

ସୁଭଦ୍ରା ଯୋଜ୍‌ନା ଲାଗି ଏପ୍ରିଲ୍ ୧ ତାରିଖ୍‌ନୁ ନୂଆଁ ପଞ୍ଜିକରଣ୍ ମୁଲ୍ ହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚ୍‌ନା ଦେଇଛନ୍ । ଶ୍ରୀମତୀ ପରିଡ଼ା କହିଛନ୍ । ଯୋଜ୍‌ନାଥି ଆହୁରି ହିତାଧିକାରୀମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ପଞ୍ଜିକରଣ୍ କରାଯିବା । ଏପ୍ରିଲ୍ ୧ ନୁ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଜରିଏ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କରିପାର୍‌ବେ ।

ଯେନ୍‌ମାନେ ଆଘୋନୁ ଆବେଦନ୍ ନାଇଁ କରି ଖାଲି ସେମାନେ ହିଁ କରିପାର୍‌ବେ । ଇଥିର୍‌ଲାଗି ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ସିଡ଼ିପିଓ କାର୍ଯ୍ୟାଳୟ ନ ଫର୍ମ ଯୁଗେଇ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ରାଜ୍ୟ ସର୍‌କାରୀ କର୍ମଚାରୀ-ଏଆଇ ପାଠ୍ୟକ୍ରମ୍    ଏକ୍ସ

ରାଜ୍ୟ ସର୍‌କାରୀ କର୍ମଚାରୀମାନ୍‌କୁ କୃତ୍ରିମ ବୁଦ୍ଧିମତା ଆଉ ସାଇବର୍ ସୁରକ୍ଷା ବାବଦ୍ ଶିକ୍ଷା ଦିଆଯିବା । ଶିକ୍ଷା ଶେଷ୍ କଲେ କର୍ମଚାରୀମାନ୍‌କର ରେଙ୍କିଙ୍ଗ୍ ବଢ଼ାଯିବା । ଫି’ ମାସ ଝନେ ସର୍‌କାରୀ କର୍ମଚାରୀ ଏଆଇ ଆଉ ସାଇବର୍ ସୁରକ୍ଷା ବାବଦ୍ କମ୍‌ସେକମ୍ ଗୁଟେ ପାଠ୍ୟକ୍ରମ୍ ପଢ଼୍‌ବେ । ସର୍‌କାରୀ ତଥ୍ୟ ଅନ୍‌ସାରେ ଇ ବଛର୍ ମାର୍ଚ୍ଚ ମାସ୍‌ତକ୍ ୩ ଲାଖ୍ ୮୮ ହଜାର୍ ୮ ଶହ ୪ ଝନ୍ କର୍ମଚାରୀଙ୍କୁ ରାଏଜେ ନିଯୁକ୍ତି ମିଲିଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୧୮ ଲାଖ୍ ୮୦ ହଜାର୍ ୩ ଶହ ୩୨ ଝନ୍ କର୍ମଚାରୀ ଇ ପାଠ୍ୟକ୍ରମ୍ ଲାଗି

ପଞ୍ଜିକରଣ୍ କରିଛନ୍ । ସେଥିର୍‌ଭିତ୍‌ରୁ ୧୨ ଲାଖ୍ ୪୦ ହଜାର୍ ୯ ଶହ ୬ ଝନ୍ କର୍ମଚାରୀ ପାଠ୍ୟକ୍ରମ ଶେଷ୍ କରିଛନ୍ ।

ଆର୍ଥ ଆଓ୍ୱାର୍ ଏନ୍‌ଏସ୍‌ଡି / ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଶକ୍ତି ସଂରକ୍ଷଣ ଆଉ ପରିବେଶ୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଓ୍ୱାର୍ଲ୍ଡ୍ ଓ୍ୱାଇଡ୍ ଫଣ୍ଡ୍ ଫର୍ ନେଚର୍ ତର୍‌ଫୁ ଆଏଜ୍ ଆର୍ଥ ଆଓ୍ୱାର୍ ପାଲନ୍ କରାଯିବା । ଇ ଅବ୍‌ସରେ ରାତିର୍ ସାଢ଼େ ୮ ବଜେନୁ ସାଢ଼େ ୯ ବଜେତକ୍ ଅତି ଦର୍‌କାରୀ ଜାଗାକେ ବାଦ୍ ଦେଲେ ସବୁ ଠାନେ ବିଜ୍‌ଲି ବନ୍ଦ୍ କରାଯିବା । ୨୦୦୭ ମସିହା ବେଲ୍‌କେ ଅଷ୍ଟ୍ରେଲିଆର୍ ସିଡ୍‌ନୀ ନ ପହେଲା କରି ଆର୍ଥ ଆଓ୍ୱାର୍ ପାଲନ୍ କରାଯାଇଥିଲା । ଇ ବଛର୍ "ଗୁଟେ ଘଂଟା ପୁର୍‌ଥିର୍ ଲାଗି ସମର୍ପଣ୍ କର୍‌ମା" ବାର୍ତା ନେଇକରି ଆର୍ଥ ଆଓ୍ୱାର୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍‌କୁ ଗୁଟେ ଘଂଟା ବିଜ୍‌ଲି ବନ୍ଦ୍ କରିକରି ଧର୍‌ତୀ ମା' ଲାଗି ମିଲିତ ଦାୟିତ୍ୱ ବାବ୍‌ଦେ ଚିନ୍ତା କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ନୟାଗଡ଼୍ ବସ୍ ଦୁର୍ଘଟଣା ନୟାଗଡ଼୍ ସମ୍ବାଦଦାତା

ନୟାଗଡ଼୍ ଜିଲ୍ଲା ଦଶ୍ପଲ୍ଲା ବ୍ଲକ୍ ଟାକେରା ପାଖର୍ ହନୁମାନ୍ ଘାଟି ଠାନେ ହେଉଥିବା ବସ୍ ଦୁର୍ଘଟଣାଥି ୫ ଝନ୍କର୍ ଜୀବନ୍ ଯାଇଥିଲା ବେଲେ ୪୦ ନୁ ଅଏତ୍କା ଯାତ୍ରୀ ଆହତ୍ ହେଇଛନ୍ । ଭାରସାମ୍ୟ ହରେଇକରି ବସ୍ ଉଲ୍ଟିପଡ଼ିଥିବା ଜନାପଡ଼ିଛେ । ବ୍ରହ୍ମପୁର୍ନୁ ପର୍ଯ୍ୟଟକମାନ୍କୁ ନେଇକରି ହରିଶଙ୍କର୍, ନୃସିଂହନାଥ ଆସୁଥିବାର୍ ବେଲେ ବସ୍ଟା ଦୁର୍ଘଟଣାର୍ ଶିକାର୍ ହେଇଥିବାର୍ ଜନାପଡ଼ିଛେ । ଘଟ୍ନାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ ପ୍ରକାଶ୍ କର୍ବାର୍ ସହେତେ ମୃତଙ୍କର୍ ପରିବାର୍ ଲୁକ୍କର୍ ଲାଗି ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍ନା କରିଛନ୍ । ଆହତ୍ମାନ୍କୁ ଚିକିତ୍ସା ସୁବିଧା ଯୁଗେଇ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ରତ୍ନଭଣ୍ଡାର୍ ଗନ୍ତି-ଆଇନ୍ମନ୍ତ୍ରୀ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ବାହାର ରତ୍ନଭଣ୍ଡାର୍‌ର ୨ ନମ୍ବର୍ ଖେପ୍ ଗନ୍‌ତିମନ୍‌ତି ଆଏବା ମାସ ୮ ନୁ ୧୦ ତାରିଖ୍ ଭିତ୍‌ରେ କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଗନ୍‌ତିମନ୍‌ତି ସମିଆଥି ମାହାପୁରୁଙ୍କର୍ ଦର୍ଶନ୍ କି ନୀତିକାନ୍ତି ଯେନ୍ତା ବିଭ୍ରାଟ୍ ନାଇଁ ହୁଏ ସେଥିର୍‌ଲାଗି ଅଏତ୍‌କା ଧ୍ୟାନ୍ ଯିବା । ବାହାର୍ ରତ୍ନଭଣ୍ଡାର୍ ଗନ୍‌ତି ମନ୍‌ତି ଉତ୍‌ରୁ ଭିତର ରତ୍ନଭଣ୍ଡାରର ଅଲଙ୍କାର୍ ଗନ୍‌ତି କରାଯିବା । ସେନ୍ତା ଆଏବା ରଥଯାତ୍ରା ବେଲ୍‌କେ ବଡ଼ଦାଣ୍ଡକେ ଗାଡ଼ି ମଟର୍ ନାଇଁ ଛାଡ଼୍‌ବାର୍ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦିଆଯାଉଛେ । ରଥଦାଣ୍ଡକେ ସଂଯୋଗ୍ କରୁଥିବା ରାସ୍ତା ମାନ୍‌କର୍ ଚଉଡ଼ା କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ମହାନଦୀ ଜଲ ବିବାଦ୍          ଏକ୍ସ

ଓଡ଼ିଶା ଛତିଶ୍‌ଗଡ଼୍ ମହାନଦୀ ଜଲ୍‌ବିବାଦ୍ ପ୍ରସଙ୍ଗଥି ମହାନଦୀ ଜଲ ବିବାଦ ପ୍ରାଧିକରଣର୍ ସାମ୍ନା ନ ଏଡ଼୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ଓଡ଼ିଶାର୍ ପକ୍ଷ ରଖିଛନ୍ । ବିବାଦ୍‌କେ

ନେଇକରି ଦୁହି ରାଜ୍ୟ ଭିତ୍‌ରେ ହେଇଥିବା ବୈଷୟିକ କମିଟିର୍ ରିପୋର୍ଟକେ ଶ୍ରୀ ଆଚାର୍ଯ୍ୟ ଉପସ୍ଥାପନ୍ କର୍‌ବାର୍ ସହେତେ ଖୋବ୍ ଜଲ୍‌ଦି ଦୁହି ରାଜ୍ୟ ଭିତ୍‌ରେ ସହମତି ପ୍ରକାଶ୍ ପାଏବା ବଲି ଆଶାବ୍ୟକ୍ତ କରିଛନ୍ । ଆଏବା ମାସ ୧୩ ତାରିଖ୍ ପ୍ରାଧିକରଣ୍‌ର କାର୍ଯ୍ୟକାଳ ସରୁଥିବାର୍‌ନୁ ଇତାକେ ଆହୁରି ବଢ଼ାବାର୍ ଲାଗି ଶ୍ରୀ ଆଚାର୍ଯ୍ୟ ସୁପାରିଶ୍ କରିଛନ୍ । ମାମ୍‌ଲାର୍ ଆଏବା ଶୁଣାଣି ଆଏବା ମାସ ୧୧ ତାରିଖ୍ ଦିନ କର୍‌ବାର୍‌କେ ପ୍ରାଧିକରଣ୍ ଧାରିଜ୍ କରିଛନ୍ ।

ଓକିଲ ସଂଘ ନିର୍ବାଚନ ଆର୍‌ଏନ୍‌ୟୁ/ ସମ୍ବଲପୁର/ଦେବ୍‌ଗଡ୍

ୱାନ୍ ବାର୍- ୱାନ୍ ଇଲେକ୍ସନ୍ ନୀତି ଆଧାର୍‌ଥି ରାଜ୍ୟର୍ ଓକିଲ ସଂଘମାନ୍‌କେ ଆଏଜ୍ ଶାନ୍ତିଶୃଙ୍ଖଲାର୍ ସହେତେ ନିର୍ବାଚନ୍ ଶେଷ୍ ହେଇଛେ । ରାଜ୍ୟ ଆଇନ୍‌ଜୀବୀ ପରିଷଦ୍ ସଙ୍ଗେ ଅନୁବନ୍ଧିତ୍ ଶହେ ୫୮ ଟା ଓକିଲ୍ ସଂଘ ଭିତ୍‌ରୁ ଶହେ ୫୫ ସଂଘ ନ ଭୋଟ୍ ଗ୍ରହଣ୍ କରାଯାଇଛେ । ଉପର୍‌ବେଲା ୩ ବଜେତକ୍ ମତଦାନ୍ ହେଇଥିବାର୍ ବେଲେ ଇଛେନ୍‌କା ଭୋଟ୍‌ଗନ୍‌ତି ଚାଲିଛେ । ଗୁଟେ ଜୁଡ଼େ ଜାଗା ନ ଫଲାଫଲ୍ ଘୋଷିତ୍ ହେଇଥିଲା ବେଲେ ଆଏଜ୍

ରାତିତକ୍ ସବୁ ଜାଗା ନ ଫଲାଫଲ୍ ଘୋଷ୍ନା କରାଯିବା । ନିର୍ବାଚନ୍‌ଥି ୩୮ ହଜାର୍ ୮ ଶହ ୮୩ ଝନ୍ ଆଇନ୍‌ଜୀବୀ ନିଜର୍ ମତାଧିକାର୍ ସାବ୍ୟସ୍ତ କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ନ ହେଇଥିବା ନିର୍ବାଚନ୍‌ଥି ସଭାପତି ପଦ୍ ଲାଗି ବରିଷ୍ଠ ଓକିଲ ବନ୍ଦିତା ରାଣୀ ମିଶ୍ର ଆଉ ଚନ୍ଦ୍ର ପୁରୋହିତଙ୍କର୍ ଭିତ୍‌ରେ ପ୍ରତିଦ୍ୱନ୍ଦିତା ହେଇଥିଲା । ମତଦାନ୍ ପ୍ରକ୍ରିୟା ଶାନ୍ତିଶୃଙ୍ଖଲାଥି ହେବାର୍ ସହେତେ ବହୁତ୍ ସଂଖ୍ୟାଥି ଆଇନ୍‌ଜୀବୀ ଇଥି ଭାଗ୍ ନେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ଓକିଲ୍ ସଂଘ ନିର୍ବାଚନ୍‌ଥି ପ୍ରଥମେଶ ଗୁରୁ ସଭାପତି ଭାବେ ନିର୍ବାଚିତ ହେଇଛନ୍ । ଆଏଜ୍ ହେଇଥିବା ମତଦାନ୍‌ଥି ୫୧ ଝନ୍ ଭୋଟ୍ ଦେଇଥିଲେ । ସେଥିର୍‌ଭିତ୍‌ରୁ ୪୬ ଖଁଡ଼୍ ଭୋଟ୍ ପାଇକରି ଶ୍ରୀ ଗୁରୁ ବିଜୟୀ ହେଇଛନ୍ । ସେନ୍ତା ଉପ ସଭାପତି ଭାବେ ପ୍ରଣବ କୁମାର୍ ସ୍ୱାଇଁ, ଆଉ ସମ୍ପାଦକ୍ ଭାବେ ସିଦ୍ଧେଶ୍ୱର ଗୁରୁ ନିର୍ଦ୍ୱନ୍ଦ୍ୱଥି ବିଜୟୀ ହେଇଛନ୍ ।

ଇନ୍ଧନ ରଣନୀତି ଏନ୍‌ଏସ୍‌ଡି

ପଶ୍ଚିମ ଏସିଆର୍ ଯୁଦ୍ଧ ସଙ୍କଟ୍ ଲାଗି ରହିଥିଲେ ଭିଲ୍ ଭାରତ୍‌କେ ଗେସ୍ ଆଉ ଇନ୍ଧନ୍ ଯୋଗାଣ ବିଶେଷ୍ ଭାବେ ପ୍ରଭାବିତ୍ ନାଇଁ ହେଇ । ୪୭ ହଜାର୍ ମେଟ୍ରିକ୍ ଟନ୍ ଏଲ୍‌ପିଜି ଗେସ୍ ଧରିକରି ଭାରତୀୟ ଜାହାଜ୍ ଜଗ୍‌ବସନ୍ତ ଗୁଜୁରାତ୍ ସମୁଦ୍ରଖଁଡ଼ି ପୁହୁଁଚିଛେ । ଖୋବ୍ ଜଲ୍‌ଦି ଆଉ ଜାହାଜ୍ ମାନେ ଭିଲ୍ ପୁହୁଁଚିବା ବଲି ପେଟ୍ରୋଲିୟମ୍ ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଦେଶେ ଏଲ୍‌ପିଜି ମହଜୁଦ୍ ସ୍ଥିତି ପୂରାପୂରି ନିୟନ୍ତ୍ରଣଥି ରହିଛେ ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ୍ ବିଭାଗ୍ ତର୍‌ଫୁ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପ୍ରଧାନ୍)

ପଶ୍ଚିମ ଏସିଆର୍ ସଂଘର୍ଷ ଥିତି ଲାଗି ପୁର୍‌ଥିର୍ ବଡ଼ଭାଗୀ ଦେଶ୍ ନ ଗେସ୍ ଆଉ ଇନ୍ଧନ୍ ସଙ୍କଟ୍ ଦେଖାଦେଇଥିଲା ବେଲ୍‌କେ ଭାରତ୍ ସର୍‌କାର୍‌ଙ୍କର୍ ସ୍ୱତନ୍ତ୍ର ରଣନୀତି ଲାଗି ଦେଶେ ଇ ସମସ୍ୟା ଦେଖା ନାଇଁ ଦେଇ । ଆଏଜ୍ ଦେଶର୍ ଘରୋଇ ବିଶୋଧନାଗାରମାନ୍‌କେ ଏଲ୍‌ପିଜି ଉତ୍ପାଦନ ୪୦ ପ୍ରତିଶତ୍ ବଢ଼ିଛେ । ଦିନ୍‌କର୍ ଏଲ୍‌ପିଜି ଉତ୍ପାଦନ୍ ୫୦ ହଜାର ମେଟ୍ରିକ୍‌ଟନ୍ ତକ୍ ପୁହୁଁଚିଛେ । ସେନ୍ତା ଆମ୍‌ଦାନୀର୍ ଆବଶ୍ୟକ୍‌ତା ଦିନ୍‌କୁ ୩୦

ହଜାର୍ ମେଟ୍ରିକ୍‌ଟନ୍‌କେ କମିଛେ । ଇଛ୍‌ନି ସମିଆଥି ଭାରତ୍‌କେ ୮ ଲାଖ୍ ମେଟ୍ରିକ୍ ଟନ୍ ଏଲ୍‌ପିଜି କାର୍ଗୋ  ଆସୁଛେ ବଲି କେନ୍ଦ୍ର ସରକାରଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇହାଦେ ଦେଶେ ଦିନ୍‌କ ୫୦ ଲାଖ୍‌ନୁ ଅଏତ୍‌କା ଗ୍ୟାସ୍ ସିଲିଣ୍ଡର୍ ଯୋଗାଣ କରାଯାଉଛେ । ଗେସ୍‌ର ଚାହିଦା ଇହାଦେ ସ୍ୱାଭାବିକ୍‌ସ୍ତର୍‌କେ ପୁହୁଁଚିଛେ ।

ଦେଶର୍ ତେଲ୍ ବିଶୋଧନାଗାର୍‌ମାନେ ଇହାଦେ ତାଙ୍କର ପୁରା କ୍ଷମତାଥି ଚାଲୁଛନ୍ । ଦେଶର୍ ୧ ଲାଖ୍‌ନୁ ଅଏତ୍‌କା ପେଟ୍ରୋଲ୍ ପମ୍ପ୍ ଇହାଦେ ସ୍ୱାଭାବିକ୍ ଭାବେ ଖୁଲା ରହିଛେ । ଏଛେନ୍ ୪୧ନୁ ଅଏତ୍‌କା ଦେଶ୍‌ନୁ ଭାରତ୍‌କେ ଅଶୋଧିତ୍ ତେଲ୍ ଆସୁଛେ । ଆଏବା ୬୦ ଦିନ୍ ଲାଗି ଷ୍ଟକ୍ ରହିଛେ ବଲି ବିଶୋଧନାଗାର୍‌ମାନେ ସୂଚ୍‌ନା ଦେଇଛନ୍ ।  ଇତାର୍ ସହେତେ ୭୪ ଦିନର୍ ଭଣ୍ଡାର ଭିଲ୍ ମହଜୁଦ ରହିଛେ । ହେଥିର୍‌ଲାଗି ଲୁକେ ନାଇ ଘବ୍‌ରାବାର୍‌କେ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦବିଭାଗ୍ ତର୍‌ଫୁ ବିସ୍ମିତା ପ୍ରଧାନ୍ ।

ବରିଷ୍ଠ ନାଗରିକ-ସ୍ୱାସ୍ଥ୍ୟ ପରୀକ୍ଷା           ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହରାଂଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ନ ଆଏଜ୍ ବରିଷ୍ଠ ନାଗରିକ ମାନ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛେ । ଡାକ୍ତର୍‌ମାନେ ମଧୁମେହ ଆଉ ରକ୍ତଚାପ ପରୀକ୍ଷା କର୍‌ବାର୍ ସହେତେ ଆବଶ୍ୟକ୍ ସ୍ଥଲେ ବରିଷ୍ଠ ନାଗରିକମାନ୍‌କୁ ମାହାଲିଆ ଉଷୋ ଦେଇଛନ୍ । ସୁସ୍ଥ ଜୀବନ୍ ଲାଗି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାବାର୍ ଲାଗି ଡାକ୍ତର୍‌ମାନେ ବରିଷ୍ଠ ନାଗରିକଙ୍କୁ ପରାମର୍ଶ ଦେଇଛନ୍ ।

ଉଦନ୍ତୀ ମହୋତ୍ସବ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ହାଇସ୍କୁଲ୍ ପଡ଼ିଆ ନ ଉଦନ୍ତୀ ମହୋତ୍ସବ-୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହୋତ୍ସବକେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ମହନୀୟ ସଂସ୍କୃତି, ଉଚ୍ଚକୋଟୀର ସାହିତ୍ୟ ସାଧନା ଆଉ ପାରମ୍ପରିକ ତନ୍ତକଳା ଇ ଇଲାକାର୍ ଖାସ୍ ପରିଚୟ ଆଏ ବଲି କହିଛନ୍ ।

ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଦଲ୍‌ମାନେ ଲୋକକଳାର୍ ପ୍ରଦର୍ଶନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଉତର୍ ଭାଗ୍‌କେ ଲାଗିକରି ଥିବା ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇଛେ । କେତେଟା ଜାଗା ନ ଜବର୍ ଧୁକାଗର୍ଡ଼ି ସହେତେ କରାମାଡ଼୍ ଭିଲ୍ ହେଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।